# ପିଲାଙ୍କ ଧରିତ୍ରୀ

ଶନିବାର , ୨୫ ନଭେମ୍ବର, ୨୦୨୩



## ଖିଲି ଖିଲି ହସ

ବିଟୁନ୍ ଗଛରେ ଓଲଟା ଲଟିକି ଥିବାର ଦେଖି ତା' ସାଙ୍ଗ ମିଥୁନ୍ ପଚାରିଲା– ଆରେ ବିଟୁନ୍, ତୁ ଗଛରେ ଏମିତି ଲଟକିଛୁ କ'ଣ ପାଇଁ ?
ବିଟୁନ୍: ମୁଁ ମୁଣ୍ଡବିନ୍ଧା ବଟିକା ଖାଇଛି, କାଳେ ଏ ବଟିକା ପେଟକୁ ପଳାଇବ ସେଥିପାଇଁ ମୁଁ ଓଲଟା ଲଟକିଛି।

---

କ୍ଲାସ୍‌ରେ ପିଲାଙ୍କୁ ମିସ୍ କହିଲେ, ତୁମ ଭିତରେ କିଏ ବୋକା ସେ ଠିଆ ହୁଅ। ଏହାଶୁଣି ଗୋଟେ ପିଲା ଠିଆ ହେଲା। ତାକୁ ଦେଖି ମିସ୍ କହିଲେ, ତୁମେ ବୋକା କି ?
ପିଲାଟି କହିଲା–ନା ମିସ୍, ଆପଣଙ୍କୁ ଏକୁଟିଆ ଠିଆ ହେବାର ଦେଖି ମୁଁ ଠିଆ ହୋଇଗଲି।

---

(ରାଜୁ ଓ ବିଜୁ ମଧ୍ୟରେ କଥାବାର୍ତ୍ତା)
ରାଜୁ: ବୁଝିଲୁ ବିଜୁ, ଆଜି ମୁଁ ପାଣିକୁ ଓଲା ବନାଇଦେଲି।
ବିଜୁ: କେମିତି ?
ରାଜୁ: ତାକୁ ଗରମ କଲି ଗାଧୋଇବି ବୋଲି, ହେଲେ ଗାଧୋଇଲି ନାହିଁ।
ବିଜୁ: ମୁଁ ତ ଆଜି ଆମ ଘର ଲୋକଙ୍କୁ ବୋକା ବନାଇଦେଲି।
ରାଜୁ: କିପରି ?
ବିଜୁ: ବାଥ୍‌ରୁମ୍‌କୁ ଗଲି ଗାଧୋଇବା ଲାଗି, ହେଲେ ନ ଗାଧୋଇ ଡ୍ରେସ୍ ଚେଞ୍ଜ କରି ବାହାରି ଆସିଲି।

# ଗୁଣିଆକୁ ନିଆଁ ଭୂତ

ଗପ



ପଥରପାଲି ନାମରେ ଗାଁଟିଏ। ରହନ୍ତି ପାଖାପାଖି ପଚାଶ ପରିବାର। ସେଇ ଗାଁରେ ରଘୁ ପଧାନର ଘର। ଏଇ ଗତକାଲିଠୁ ତା'ର ପନ୍ଦର ବର୍ଷର ପୁଅ ମଧୁକୁ କ'ଣ ହୋଇଛି କେଜାଣି ସେ କେବଳ ବାଉଳିଚାଉଳି ହେଉଛି। ତାଙ୍କ ଗାଁର ଗୁଣିଆକୁ ଦେଖାଇବାରୁ ସେ କହିଲା,କୁଆଡ଼େ ତାକୁ ତାଙ୍କ ଗାଁ ମୁଣ୍ଡରେ ଥିବା ବରଗଛରେ ରହୁଥିବା ପ୍ରେତ ଲାଗିଛି। ପ୍ରେତ ଛଡ଼ାଇବାକୁ ସେ ଗୁଣିଆ ଜଣକ ନଡ଼ିଆ, ଧୂପକାଠି ଆଦିର ଗୋଟିଏ ଲମ୍ବା ତାଲିକା ରଘୁ ପଧାନର ହାତରେ ଧରାଇ ଦେଲା। ଯଥାବିଧିରେ ପ୍ରେତ ଦୂରୀକରଣ ପାଇଁ ଚେଷ୍ଟା କଲା। କିନ୍ତୁ ଅସଫଳ ହେଲା। ତା'ପରେ ଆଉ ଜଣେ ନାମକରା ଗୁଣିଆକୁ ଡକାହେଲା। ସେ ପରଖି ଦେଖି କହିଲା– ମଧୁକୁ ତାଙ୍କ ଗାଁର ଡାହାଣୀ ଲାଗିଛି। ସେ ଡାହାଣୀକୁ ବାହାର କରି ସମସ୍ତଙ୍କ ସମ୍ମୁଖରେ ଛିଡ଼ା କରିଦେବ ବୋଲି କଥା ଦେଲା।

ସେଇ ଗାଁର ସୁରେଶ ମହାନ୍ତି ଏଇ କିଛି ମାସ ହେବ ଡାକ୍ତର ହୋଇ ପାଖ ସହରରେ ଚାକିରି କରୁଥାନ୍ତି। ଛୁଟିରେ ଗାଁକୁ ଆସିଥାନ୍ତି। ରଘୁ ପଧାନ ଘରେ ଲୋକ ଗହଳି ଦେଖି ଜଣକୁ ସେ କ'ଣ ହୋଇଛି ବୋଲି ପଚାରିବାରୁ, ସବୁ ଜାଣିବାକୁ ପାଇଲେ। ସେଠାକୁ ଯାଇ ସେ କିଛି ସମୟ ମଧୁକୁ ଲକ୍ଷ୍ୟ କରୁଥାନ୍ତି। ଏହି ସମୟରେ ଗୁଣିଆ ପିନ୍ଧିଥିବା ବସ୍ତ୍ରରେ ସେଠାକାର ପୂଜାର୍ଚ୍ଚନାର ନିଆଁ ଲାଗିଯିବାରୁ ସେ ଭୟରେ ଜୀବନ ବଞ୍ଚାଇବା ପାଇଁ ଚିତ୍କାର କରିବାକୁ ଲାଗିଲା। କିଛି ଲୋକ ପାଣି ପକାଇ ତାକୁ ନିଆଁ କବଳରୁ ଉଦ୍ଧାର କରିବାରୁ ଆସନ୍ତାକାଲି ଡାହାଣୀକୁ ବାହାର କରିବା କହି ସେଠାରୁ ସେ ଚାଲିଗଲା। ଡାକ୍ତର ସୁରେଶ ଏଥର ମଧୁ ପାଖକୁ ଗଲେ ଏବଂ ନାଡି ପରଖି ଦେହର ଖଇଫୁଟା ତାପରୁ ଜାଣି ପାରିଲେ ଯେ ମଧୁକୁ ମ୍ୟାଲେରିଆ ବା ଆଉକିଛି ଜ୍ୱର ହୋଇଛି। ତେଣୁ ତା'ର ବାପାକୁ କାଳ ବିଳମ୍ବ ନ କରି ନିକଟସ୍ଥ ଡାକ୍ତରଖାନାକୁ ନେଇଯିବାକୁ କହିଲେ। କିନ୍ତୁ ରଘୁ ପଧାନ ଅମଙ୍ଗ ହେଲେ। ଡାକ୍ତର ସୁରେଶ ବୁଝାଇଲେ, ମଧୁର ଯାହା ଲକ୍ଷଣ ଅଛି ତାହା କୌଣସି ଭୂତ କିମ୍ବା ଡାହାଣୀ କିଛି ନୁହେଁ। ତାହା କିଛି ଗୋଟିଏ ରୋଗର ଲକ୍ଷଣ। ଯଦି ସେ ଗୁଣିଆ ମଧୁକୁ ଭଲ କରିପାରିଥାନ୍ତା, କାହିଁକି ସେ ନିଜକୁ ନିଆଁରୁ ବଞ୍ଚେଇ ପାରିଲା ନାହିଁ। ଏଣୁ ଏ ସବୁ ଅନ୍ଧବିଶ୍ୱାସ ପଛରେ ନ ପଡ଼ି ଅତି ଶୀଘ୍ର ଡାକ୍ତରଖାନାରେ ପହଞ୍ଚାଅ। ନଚେତ୍ ଅବସ୍ଥା ଖରାପ ହେଇପାରେ। ତା'ପରେ ରଘୁ ପଧାନ ବୁଝିପାରି ଡାକ୍ତରଖାନାକୁ ନେଲେ। ରକ୍ତ ପରୀକ୍ଷାରୁ ଜଣାପଡିଲା ତାକୁ ମସ୍ତିଷ୍କ ମ୍ୟାଲେରିଆ ହୋଇଛି। ସେଥିପାଇଁ ସେ ବାଉଳିଚାଉଳି ହେଉଛି। ଉପଯୁକ୍ତ ଚିକିତ୍ସା ପରେ ମଧୁ ଆରୋଗ୍ୟ ହୋଇ ଗାଁ କୁ ଫେରିଲା। ଭୂତ ପ୍ରେତ ଡାହାଣୀ ଭଳି ଅନ୍ଧବିଶ୍ୱାସ ରଘୁ ପଧାନ ତଥା ପଥରପାଲି ଗାଁର ସମସ୍ତଙ୍କ ମନରୁ ଦୂରହେଲା। ଡାକ୍ତର ସୁରେଶ ମ୍ୟାଲେରିଆ ରୋଗର କାରଣ ଏବଂ ନିରାକରଣ ପାଇଁ କ'ଣ ସବୁ କରାଯିବ ଲୋକମାନଙ୍କୁ ବୁଝାଇଲେ। ଗାଁ ଲୋକେ ମଧ ସବୁ ଅନ୍ଧବିଶ୍ୱାସ ଦୂରକରି ଖୁସିରେ ବଞ୍ଚିଲେ।

**– ସନ୍ତୋଷ କୁମାର ଅଦାବର**
ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ: ୯୭୭୭୯୧୦୭୨୮

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ଖେଳଣା ହସ୍ପିଟାଲ

**ଖେ**ଳଣାଟିଏ ପାଇଗଲେ ପିଲାଙ୍କ ମନ ଆନନ୍ଦରେ ନାଚି ଉଠେ। କିଛିଦିନ ପରେ ଖେଳଣା ଭାଙ୍ଗିଗଲେ ପିଲାଙ୍କ ମନ ଦୁଃଖ ହୋଇଯାଏ। ପୁଣି ଗୋଟେ ନୂଆ ଖେଳଣା କିଣିବାକୁ ଅଳି କରନ୍ତି। ପିଲାମାନେ ଜାଣି ଖୁସି ହେବେ ଯେ



ତାଙ୍କ ଖେଳଣା ସଜାଡ଼ିବା ପାଇଁ ସ୍ୱତନ୍ତ୍ର ଏକ ହସ୍ପିଟାଲ ଅଛି। ଯେଉଁଠି କେବଳ ଖେଳଣାଗୁଡ଼ିକର ଚିକିତ୍ସା ଅର୍ଥାତ୍ ମରାମତି କରାହୁଏ। ଏହି ଖେଳଣା ହସ୍ପିଟାଲକୁ ୧୯୧୩ ମସିହାରେ ହେରୋଲ୍ଡ ଚେପମେନ ସିଡ୍‌ନୀରେ ଖୋଲିଥିଲେ। ସେ ସମୟରେ ହେରୋଲ୍ଡଙ୍କ ଭାଇ ସେଲ୍ୟୁଲାୟାଡ଼ ଜାପାନରୁ ଖେଳଣା ଆଣି ନିଜ ଦେଶରେ ବିକ୍ରି କରୁଥିଲେ। ଖେଳଣା ଆଣିବା ବେଳେ କେତେଗୁଡ଼ିଏ ଭାଙ୍ଗିଯାଉଥିଲା। ସେସବୁ ଭଙ୍ଗା ଖେଳଣାକୁ ଦେଖି ହେରୋଲ୍ଡ ସଜାଡ଼ିବାକୁ ଚିନ୍ତା କରିଥିଲେ। ତା'ପରେ ସେ ଭାଙ୍ଗି ଯାଇଥିବା ଖେଳଣାକୁ ସଜାଡ଼ିବା କାମରେ ଲାଗିପଡ଼ିଲେ।

ହେରୋଲ୍ଡ ଖେଳଣା ମରାମତି କରୁଛନ୍ତି ବୋଲି ଲୋକେ ଯେତେବେଳେ ଜାଣିଲେ ସେମାନେ ମଧ ଭାଙ୍ଗି ଯାଇଥିବା ଖେଳଣା ଧରି ତାଙ୍କ ନିକଟରେ ପହଞ୍ଚିଗଲେ। ଏମିତି ଶହ ଶହ, ହଜାର ହଜାର ଖେଳଣା ମରାମତି ପାଇଁ ତାଙ୍କ ନିକଟରେ ଜମା ହେବାକୁ ଲାଗିଲା। ସେସବୁ ଖେଳଣାଗୁଡ଼ିକୁ ସଜାଡ଼ିବା ପାଇଁ ସେ ଖେଳଣା ହସ୍ପିଟାଲ ଖୋଲିଲେ। ଜେଜେବାପା, ବାପାଙ୍କ ମୃତ୍ୟୁ ଅନ୍ତେ ଏବେ ତାଙ୍କର ନାତି ଜ୍ୟାଫ ଚେପମେନ ଖେଳଣା ହସ୍ପିଟାଲକୁ ସମ୍ଭାଳୁଛନ୍ତି। ସବୁଠୁ ଖୁସିର କଥା ଯେ ଏବର ଖେଳଣା ହସ୍ପିଟାଲ ଅଧିକ ଆଧୁନିକ ହୋଇପାରିଛି। ଏଠି ସବୁପ୍ରକାରର ଖେଳଣା ମରାମତି ହେଉଛି। ଏ ପର୍ଯ୍ୟନ୍ତ ଅନ୍ୟୂନ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଖେଳଣା ସଜଡ଼ା ସରିଲାଣି। ଖେଳଣା ମରାମତି କରିବା ନିମନ୍ତେ ୧୨ ଜଣିଆ ସ୍ୱତନ୍ତ୍ର ମେକାନିକ୍ ଅଛନ୍ତି।

ଖେଳଣା ହସ୍ପିଟାଲ ସାଧାରଣ ହସ୍ପିଟାଲ ଭଳି ସଭିଙ୍କର ପ୍ରିୟ ହୋଇପାରିଛି।

**– ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି–୭୪, ସଲ୍‌ଟ ଲେକ୍, କୋଲକାତା
ମୋ: ୯୬୮୧୩୭୩୫୧୨

# ମତାମତ

▸▸ ପିଲାଙ୍କ ଧରିତ୍ରୀ ପୃଷ୍ଠାରେ 'ଉପହାର' ଗପଟି ଶିକ୍ଷଣୀୟ ହୋଇଛି।

–ରମାକାନ୍ତ ବିଶୋଇ, କଟକ

▸▸ ଜଣା ଅଜଣା ସ୍ତମ୍ଭରେ ପ୍ରକାଶିତ 'ବ୍ଲୁ ରିଙ୍ଗ ଅକ୍ଟୋପସ୍ ବିଷ କେତେ ଭୟଙ୍କର ତାହା ଜାଣିବା ସହିତ ଇଞ୍ଜେକ୍‌ଶନ ଛୁଞ୍ଚି କେଉଁ ଧାତୁରେ ପ୍ରସ୍ତୁତ ତାହା ପଢିବାକୁ ଭଲ ଲାଗିଲା।

–ମିନତୀ ରାଉତ, କଳାହାଣ୍ଡି

▸▸ ତୁମତୂଳୀରେ ପ୍ରକାଶିତ ଚିତ୍ରଗୁଡ଼ିକ ବହୁତ ସୁନ୍ଦର ହେଉଛି।

–ରାଜୀବ ସାହୁ,ନୟାଗଡ

▸▸ ନୂଆ ପରିଚୟରୁ ପିଲାମାନେ କିପରି ଅବସର ସମୟକୁ ନିୟୋଜିତ କରୁଛନ୍ତି ସେ ସମ୍ପର୍କରେ ଜାଣିବାକୁ ପାଇଲି।

–ବିଶାଲ ଶେଖର ସ୍ୱାଇଁ, ବାଲେଶ୍ୱର

## ଗତ ଥରର ରଙ୍ଗ ଦିଅ






ତନୟ ପଣ୍ଡା
କ୍ଲାସ–୧, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
କଣ୍ଟାବାଡ଼, ଖୋର୍ଦ୍ଧା

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



କେବଳ ପଢ଼ିବା କି ଜାଣିବା ଯଥେଷ୍ଟ ନୁହେଁ। ପରିପ୍ରକାଶ ବି ଜରୁରୀ। ଆଉ ଏହାର ଏକ ମାଧ୍ୟମ ହେଉଛି ସୁନ୍ଦର ହସ୍ତାକ୍ଷର। ହସ୍ତାକ୍ଷରକୁ ସୁନ୍ଦର କରିବା ପାଇଁ ଛୋଟବେଳରୁ ଲୋଡ଼ା ଅଭ୍ୟାସ।

# ସୁନ୍ଦର ଅକ୍ଷର

ଲେଖା ଆରମ୍ଭ କରିବା ମାତ୍ରେ ପିଲାଙ୍କୁ ସୁନ୍ଦର ହସ୍ତାକ୍ଷର ପ୍ରତି ଧ୍ୟାନ ଦେବାକୁ ଶିକ୍ଷା ଦିଆଯାଏ। ଛାତ୍ରୀଛାତ୍ରଙ୍କ ପାଇଁ ହସ୍ତାକ୍ଷରର ଗୁରୁତ୍ୱକୁ ଅନୁଭବ କରି ଶିକ୍ଷା ବ୍ୟବସ୍ଥାରେ ଏହାକୁ ସାମିଲ କରାଯାଇଛି। ସବୁ ପାଠ ଜାଣିଥିଲେ ବି ଯଦି ହସ୍ତାକ୍ଷର ଖରାପ ହୋଇଥିବ ତା'ହେଲେ ଛାତ୍ରୀଛାତ୍ର ଲେଖିଥିବା ପାଠକୁ କେହି ପଢିପାରିବେ ନାହିଁ। ଅନ୍ୟପଟେ ସୁନ୍ଦର ଅକ୍ଷରରେ ଲେଖିଥିବା ଉତ୍ତରକୁ ପଢିବା ପାଇଁ ସମସ୍ତଙ୍କର ଆଗ୍ରହ ଆସିଥାଏ। ତେଣୁ ପାଠକୁ ପରିପ୍ରକାଶ କରିବା ପାଇଁ ସୁନ୍ଦର ହସ୍ତାକ୍ଷର ନିହାତି ଆବଶ୍ୟକ। ଅକ୍ଷର ସୁନ୍ଦର କରିବାକୁ ଚାହୁଁଥିଲେ କେତେଗୁଡ଼ିଏ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ।

## ଠିକ୍ ଶୈଳୀରେ ଲେଖନ୍ତୁ

ବେଳେବେଳେ ପିଲାମାନେ କିଛି ଅକ୍ଷରକୁ ଠିକ୍ ଭାବେ ଲେଖିବା ଜାଣି ନ ଥାନ୍ତି। ସେଥିପାଇଁ ସେମାନଙ୍କର ଅକ୍ଷର ଖରାପ ହୋଇଥାଏ। ତେଣୁ ପ୍ରଥମେ ସବୁ ଅକ୍ଷରକୁ ଠିକ୍ ଭାବେ ଲେଖିବା ପାଇଁ ଚେଷ୍ଟା କରିବା ଫଳରେ ଅକ୍ଷର ସୁନ୍ଦର ହୋଇପାରିବ। ତେବେ ଯେଉଁ ଶବ୍ଦ ସବୁ ଲେଖିବାରେ ଅସୁବିଧା ରହିଛି ସେସବୁକୁ ବାରମ୍ବାର ଅଭ୍ୟାସ କରିବା ଦରକାର।

## ପେନ୍ସିଲ, ରିମୁଭର

ବେଳେବେଳେ ଛୋଟ ପିଲାମାନେ ମୋଟା ପେନ୍ସିଲରେ ଲେଖିବା ପାଇଁ ଚେଷ୍ଟା କରନ୍ତି, କିନ୍ତୁ ଏହା ସେମାନଙ୍କ ଆଙ୍ଗୁଠିରୁ ଖସିଯିବା ଦ୍ୱାରା ଅକ୍ଷର ଠିକ୍ ହୋଇ ନ ଥାଏ। ତେଣୁ ହାତରେ ଧରିବାକୁ ସୁବିଧା ହେଉଥିବା ଭଳି ପେନ୍ସିଲ ଆଣନ୍ତୁ। ଏହା ବ୍ୟତୀତ ପେନ୍ସିଲକୁ ଆବଶ୍ୟକ ଅନୁସାରେ କଟରରେ କାଟି କେତିକି ବଡ ମୁନ ରଖିବାକୁ ହେବ ତା ମଧ୍ୟ ଜାଣିବାକୁ ହେବ। ପେନ୍ସିଲ ରିମୁଭର ବା ରବରକୁ ସବୁବେଳେ ପାଖରେ ରଖନ୍ତୁ ଏବଂ ଆବଶ୍ୟକ ଅନୁସାରେ ଧିରେ ଘଷି ଲିଭାନ୍ତୁ।

## ଲେଖିବା ଶୈଳୀ

ସବୁ ଅକ୍ଷରକୁ ଲେଖିବାର ସ୍ୱତନ୍ତ୍ର ଶୈଳୀ ରହିଥାଏ। ତେଣୁ ଲେଖିବାବେଳେ ପ୍ରଥମେ ଶିକ୍ଷକଙ୍କ ଶିଖାଇଥିବା ଶୈଳୀକୁ ମନେରଖି ଅଭ୍ୟାସ କରନ୍ତୁ। ପେନ୍ସିଲ ଧରିବା ଶୈଳୀ ତଥା ପେପରକୁ ଠିକ୍ ସ୍ଥାନରେ ରଖି ଲେଖିବା ଦରକାର। ଏହା ବ୍ୟତୀତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲେଖିବା ସମୟରେ ପ୍ରତି ଶବ୍ଦ ଏବଂ ପ୍ରତି ଧାଡି ମଧ୍ୟରେ ଆବଶ୍ୟକ ବ୍ୟବଧାନ ମଧ୍ୟ ରଖନ୍ତୁ। ନଚେତ୍ ଯେତେ ସୁନ୍ଦର ଅକ୍ଷର ଲେଖିଲେ ବି ତାହା ପଢିବାବେଳକୁ ଅସୁବିଧା ମନେହେବ।

## ଅଭ୍ୟାସ

କଥାରେ ଅଛି- ଅଭ୍ୟାସ ବଳେ ସବୁ ଗ୍ରନ୍ଥ, ପଢ଼ି ହୋଇବ ଜ୍ଞାନବନ୍ତ। ତେଣୁ ଅଭ୍ୟାସ କଲେ ସବୁ ସଫଳତା ମିଳିପାରିବ। ଭଲ ଅକ୍ଷର ଲେଖିବା ପାଇଁ ଅଭ୍ୟାସ ନିହାତି ଜରୁରୀ। ସୁନ୍ଦର ଅକ୍ଷର ଶିକ୍ଷା ନିମନ୍ତେ ଶିଖିଥିବା ସବୁ କୌଶଳକୁ ପ୍ରତିଦିନ ଅଭ୍ୟାସ କରିବା ଫଳରେ ଅକ୍ଷର ଧୀରେ ଧୀରେ ସୁନ୍ଦର ହୋଇଯିବ।

## ଅଭ୍ୟାସ ଜାରି ରହିଛି



ପ୍ରଥମ ଶ୍ରେଣୀରୁ ଆଜି ପର୍ଯ୍ୟନ୍ତ ହସ୍ତାକ୍ଷର ଲେଖୁଛି। ସ୍କୁଲ ପାଇଁ ଅଲଗା ହସ୍ତାକ୍ଷର ଲେଖୁଛି ଆଉ ଘରେ ମାମାଙ୍କୁ ଅଲଗା ହସ୍ତାକ୍ଷର ଲେଖି ଦେଖାଉଛି। ମାମା କହୁଛନ୍ତି ସବୁବେଳେ ହସ୍ତାକ୍ଷର ଲେଖିଲେ ଭଲ। ସ୍କୁଲରେ ସାର୍‌ମାନେ ବି ସେଇ କଥା କହୁଛନ୍ତି। ତେଣୁ ଏବେ ବି ସବୁଦିନ ମୋର ପ୍ରଥମ କାମ ହେଉଛି ହସ୍ତାକ୍ଷର ଲେଖିବା ଓ ତା'ପରେ ଅନ୍ୟ ପାଠ ଆରମ୍ଭ କରିବା। ପିଲାଦିନରୁ ଏହି ଅଭ୍ୟାସ ଜାରି ରଖିଥିବାରୁ ଏବେ ମୋ ଅକ୍ଷର ସୁନ୍ଦର ହୋଇପାରିଛି ବୋଲି ମତେ ସ୍କୁଲରେ ସାର୍‌ମାନେ କହୁଛନ୍ତି। ହେଲେ ଆହୁରି ଅଧିକ ସୁନ୍ଦର କରିବା ପାଇଁ ସବୁଦିନ ହସ୍ତାକ୍ଷର ଲେଖୁଛି।

**– ପ୍ରତୀକ୍ଷା ଦାଶ**
କ୍ଲାସ- ୭, ଶିଶୁ ବିକାଶ ବିଦ୍ୟାମନ୍ଦିର, ଡୁମୁଡୁମା, ଭୁବନେଶ୍ୱର

## ସବୁଦିନ ଲେଖେ



ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ହସ୍ତାକ୍ଷର ଓ କର୍ସିଭ୍ ରାଇଟିଂ ଲେଖିଛି। ହସ୍ତାକ୍ଷର ଲେଖୁଥିଲି କି ନାହିଁ ସବୁଦିନ ମାମା ଚେକ୍ କରୁଥିଲେ। ଯଦି ହସ୍ତାକ୍ଷର ଲେଖିବାକୁ ଭୁଲି ଯାଉଥିଲି ତାହାହେଲେ ମାମା ମନେ ପକାଇବା ପରେ ଲେଖି ଦେଉଥିଲି। ଅକ୍ଷର ସୁନ୍ଦର କରିବା ପାଇଁ ଏସବୁ ପ୍ରାକ୍ଟିସ୍ କରିବା ନିହାତି ଜରୁରୀ। ବଡ ହେବା ପରେ ଏଥିପାଇଁ ଆଉ ସୁଯୋଗ ମିଳିବ ନାହିଁ। ତେଣୁ ସବୁପିଲା ହସ୍ତାକ୍ଷର ଅଭ୍ୟାସ କଲେ ଭଲ।

**– ବିଶ୍ୱଜିତ୍ ପାଣି**, କ୍ଲାସ-୬, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର





## ଅଭ୍ୟାସ ଜରୁରୀ



ଜଣଙ୍କର ସୁନ୍ଦର ଅକ୍ଷର ହେବା ତା'ର ଏକ ସ୍ୱତନ୍ତ୍ର ଦକ୍ଷତା। ତେବେ ଏହି ଦକ୍ଷତାକୁ ଆମେ ସମସ୍ତେ ଚାହିଁଲେ ଅଭ୍ୟାସ ଦ୍ୱାରା ହାସଲ କରିପାରିବା। ଏହାର ଏକମାତ୍ର ମାଧ୍ୟମ ହେଉଛି ବାରମ୍ବାର ହସ୍ତାକ୍ଷର ଲେଖିବା। ଅକ୍ଷରକୁ ଅଧିକ ସୁନ୍ଦର କରିବା ପାଇଁ ଏବେ ବି ସବୁଦିନ ହସ୍ତାକ୍ଷର ଲେଖୁଛି। ପ୍ରଶ୍ନ ଉତ୍ତର ହେଉ କିମ୍ବା ଗପ, କବିତା ଅଥବା ଯାହା କିଛି ବି ସୁନ୍ଦର ଅକ୍ଷରରେ ଲେଖା ହୋଇଥିଲେ ପଢିବା ପାଇଁ ସମସ୍ତଙ୍କର ଆଗ୍ରହ ହୁଏ। ପରୀକ୍ଷା ଖାତାରେ ଭଲ ଅକ୍ଷର ଲେଖା ହୋଇଥିଲେ ପରୀକ୍ଷକ ଠିକ୍ ଭାବରେ ପଢିପାରନ୍ତି। ତେଣୁ ସମସ୍ତେ ଭଲ ଅକ୍ଷରରେ ଲେଖିବା ପାଇଁ ହସ୍ତାକ୍ଷର ଖାତାରେ ଅଭ୍ୟାସ କରିବା ଜରୁରୀ।

**– ଅଙ୍କିତ୍ ଶୁଭ୍ରଜିତ୍ ସାହୁ**
କ୍ଲାସ-୧୦, ସରକାରୀ ହାଇସ୍କୁଲ, ମିଡିଆକିଆ ବାଲିଗୁଡା, କନ୍ଧମାଳ



# ତୁମ ତୁଳୀରୁ

୧
ନିର୍ଲିପ୍ତା
ରାୟ
କ୍ଲାସ- ୬,
ଫ୍ୟୁଚର ଭୁବନେଶ୍ୱର
ସ୍କୁଲ, ଭୁବନେଶ୍ୱର





୨
ଆୟାଂଶ
କ୍ଲାସ-୪,
କେନ୍ଦ୍ରୀୟ
ବିଦ୍ୟାଳୟ,
ଭବାନିପାଟଣା

୩
ସୌରଭ
ରଞ୍ଜନ କର
କ୍ଲାସ- ୫, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
କଲେଜ ଛକ, କଟକ





୪
ସୃଜନୀ
ଶୁଭଲକ୍ଷ୍ମୀ
କ୍ଲାସ-୧, କେନ୍ଦ୍ରୀୟ
ବିଦ୍ୟାଳୟ,
ନୂଆପଡ଼ା, ବଲାଙ୍ଗୀର

୫
ଲକ୍ଷ୍ମିପ୍ରିୟା
ମହାନ୍ତ
କ୍ଲାସ- ୮,
ଆରାବଳ
ପଞ୍ଚାୟତ ହାଇସ୍କୁଲ,
ଅରାବଳ,ଯାଜପୁର






୬
ସାଇ ଶିବେଶ
ବେହେରା
କ୍ଲାସ- ୫,
କାର୍ମେଲ ସ୍କୁଲ,
ରାଉରକେଲା

୭
ରୋହିତ
ଶର୍ମା
କ୍ଲାସ-୪, ଜାଭିୟର୍ସ
ଇଣ୍ଟର ନାସନାଲ
ସ୍କୁଲ, କେନ୍ଦ୍ରାପଡା





୮
ଶାଇଶ୍ରୀ
ଶର୍ମା
କ୍ଲାସ-୪, ଜାଭିୟର୍ସ
ଇଣ୍ଟର ନାସନାଲ୍
ସ୍କୁଲ, ଆଳି,
କେନ୍ଦ୍ରାପଡ଼ା




୧



୨




୩



୪



୫



୬



୭




୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ଏକ ମିନିଟ୍‌ରେ ୨୭୩ ଆଭୋକାଡୋ

ରେକର୍ଡ କରିବା ପାଇଁ ବେଳେବେଳେ ମନକୁ ଅଜବ ଖିଆଲ ସବୁ ଆସେ। ଠିକ୍ ଏମିତି ଏକ ଖିଆଲି ମନରେ ନିଜ ମୁଣ୍ଡରେ ଆଭୋକାଡୋ (ୱାଲନଟ୍) ଭାଙ୍ଗି ରେକର୍ଡ କରିଛନ୍ତି ଭାରତର ନବୀନ କୁମାର। ନବୀନ ମାତ୍ର ୧ ମିନିଟ୍‌ରେ ଏପରି ଢଙ୍ଗରେ ୨୭୩ଟି ଆଭୋକାଡୋ ଭାଙ୍ଗି ପାରିଛନ୍ତି। ଆଭୋକାଡୋ ଭଳି ଏକ ଟାଣୁଆ ଜିନିଷକୁ ସେ ଏତେ ଶୀଘ୍ର ମୁଣ୍ଡରେ ପିଟି ଭାଙ୍ଗି ଦେଉଥିଲେ ତାହା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ୧ ସେକେଣ୍ଡରେ ସେ ହାରାହାରି ୪ଟାରୁ ଅଧିକ ଆଭୋକାଡୋ ଫଟାଇ ପାରିଛନ୍ତି। ଏଭଳି ଏକ ଭିନ୍ନ ଧରଣର କାମ କରିବା ପାଇଁ ନବୀନ ଅନେକ ଦିନ ଧରି ଅଭ୍ୟାସ ଚଳାଇଥିଲେ। ମାର୍ଶାଲ ଆର୍ଟର ଅନେକ ପ୍ରକାର କଳାକୁ ନବୀନ ବେଶ୍ ଭଲଭାବେ ପ୍ରଦର୍ଶନ କରିପାରନ୍ତି। ତେବେ ଏଭଳିଭାବେ ମୁଣ୍ଡରେ ଆଭୋକାଡୋ ଭାଙ୍ଗି ସେ ମହମ୍ମଦ ରସିଦ୍‌ଙ୍କ ରେକର୍ଡକୁ ଭାଙ୍ଗି ପାରିଛନ୍ତି। ତାଙ୍କ ପୂର୍ବରୁ ମହମ୍ମଦ ୧ ମିନିଟ୍‌ରେ ୨୫୪ଟି ଆଭୋକାଡୋ ମୁଣ୍ଡରେ ପିଟି ଭାଙ୍ଗିଥିଲେ। ମହମ୍ମଦ ପ୍ରଥମେ ୨୦୧୪ ମସିହାରେ ୧ ମିନିଟ୍‌ରେ ୧୫୦ଟି ଆଭୋକାଡୋ ଭାଙ୍ଗିଥିଲେ। ଏହାପରେ ୨୦୧୬ରେ ସେ ନିଜ ରେକର୍ଡ ଭାଙ୍ଗି ୧୮୧ଟି ଏବଂ ପରେ ପୁଣିଥରେ ୨୫୪ଟି ଆଭୋକାଡୋ ଭାଙ୍ଗିଥିଲେ। ତେବେ ତାଙ୍କର ରେକର୍ଡକୁ ଏବେ ଭାଙ୍ଗିଛନ୍ତି ନବୀନ।



## କାର୍ତ୍ତିକ ମାସ

ଆସିଛି କାର୍ତ୍ତିକ ମାସ
ଧରମ କରିବା ଆସ।
ନୂଆ ନୂଆ ପଡ଼େ ଶୀତ
ସକାଳୁ ବୁଲିବା ହିତ।
ବିଲରେ ପାଚଇ ଧାନ
ଶୁଭଇ ଚାଷୀର ଗାନ।
ପଞ୍ଚକ ଆସିବ ଯେବେ
ମୁରୁଜ ପଡ଼ିବ ତେବେ।
ଆକାଶଦୀପକୁ ଜାଳ
ପଞ୍ଚକେ ହବିଷ ପାଳ।
ବଡ଼ଓଷା ପାଳିଥିବ
ଧବଳେଶ୍ୱରକୁ ଯିବ।
କାର୍ତ୍ତିକରେ ଦୀପଦାନ
ଏଥିପ୍ରତି ଦେବା ଧ୍ୟାନ।
ବୋଇତ ବନ୍ଦାଣ କରି
ନୌଯାତ୍ରା କଥାକୁ ସ୍ମରି।
ପବିତ୍ର କାର୍ତ୍ତିକ ଇଏ
ପୁଣ୍ୟ ଆଣିକରି ଦିଏ।
**– ନିରଞ୍ଜନ ସାହୁ**
ମୋ:୯୯୩୮୭୪୧୫୮୩

## କ ବି ତା

## ଲଗାଇବା ଗଛ

ଆସ ଭାଇ ସାଙ୍ଗହୋଇ
ଲଗାଇବା ଗଛ,
ଏହାଦ୍ୱାରା ପରିବେଶ
ହୋଇଯିବ ସ୍ୱଚ୍ଛ।
ସେଇ ଟିକିଗଛ ଦିନେ
ବଡ଼ ହୋଇ ପରା,
ଅମ୍ଳଜାନ ବାଣ୍ଟି ଦେବ
ଖୁସି ହେବ ଧରା।
ଫଳ,କାଠ ତା' ଠାରୁ
ସବୁ ଆମେ ପାଇ,
ସତ ବନ୍ଧୁ ବୋଲି କହି
ଯିବା ଗୁଣ ଗାଇ।
କାଟିବାନି କେବେ ହେଲେ
କରିନେବା ପଣ,
ନିଆଁ ଲଗାଇବା ନାହିଁ
ଗଛଲତା ବଣ।
ସବୁବେଳେ ମନଦେଇ
ଯତ୍ନ ନେଲେ ତା'ର
ଭଲେ ବଞ୍ଚିବା ସମସ୍ୟା
ହେବନାହିଁ କା'ର।
**– ସାବିତ୍ରୀ ମଲ୍ଲିକ**
ଦଶରଥପୁର, ଯାଜପୁର

## ପୁଣ୍ୟ କାର୍ତ୍ତିକ

ଧରମ ମାସ ଏ ପୁଣ୍ୟ କାର୍ତ୍ତିକରେ
ପହିଲି ଶୀତ ଆସିଛି
ଘଣ୍ଟ ମୃଦଙ୍ଗର ଶବଦ ମନ୍ଦିରେ
ଗାଆଁଟି କମ୍ପିଯାଉଛି।
ଗୀତା ଭାଗବତ ପୁରାଣ କାହାଣୀ
କାନେ କାନେ ଶୁଭିଲାଣି।
ସାଧୁ ସନ୍ଥ ଭକ୍ତ ମନ୍ଦିରରେ ବସି
ଜପ ତପ କରିଲେଣି।
ଶିବ ମନ୍ଦିରରେ ସୋମବାର ଦିନ
ଭକ୍ତଙ୍କ ଗହଳି ହୁଏ
ଭକତି ଚିତ୍ତରେ ଉପବାସ କଲେ
ମନବାଞ୍ଛା ପୂର୍ଣ୍ଣ ହୁଏ।
ଥିରି ଥିରି ଶୀତ ଗାଉଅଛି ଗୀତ
ଧରମ ପଥରେ ଯାଅ
ଆମିଷ ଭୋଜନ ନ କରି ଧରମ
କରମଟି କରୁଥାଅ।
**– ନଳିନୀ ଦାଶ**
ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ: ୬୩୭୦୦୯୫୨୪୧

## ଝରା ଶେଫାଳୀ



ଝରାଶେଫାଳୀର ଧଳା ପାଖୁଡ଼ାରେ
ଖଞ୍ଜିଅଛି କିଏ ଡେମ୍ଫ ନାଲିଆ,
ସୂରୁଜ ଉଇଁଲେ ଶୋଇ ପଡ଼େ ତଳେ
କାମ କରି କରି ହୋଇ ହାଲିଆ।
କାକର ବିନ୍ଦୁରେ ଭିଜି ଯାଏ ଦେହ
ଆଖିରୁ ସତେକି ଝରଇ ଲୁହ,
ମନ କଥା ଖୋଲି କହି ତ ପାରେନା
ବଞ୍ଚିବା ପାଇଁକି ନ ଥାଏ ମୋହ।
ହେଲେ ହେଉ ପଛେ ଛୋଟିଆ ଫୁଲ
ସୁରଭିରେ କିଏ ତା ସମତୁଲ ?
ପବନ ସାଥିରେ ବାସ ଚହଟାଏ
ରୂପ ଗୁଣ ତା'ର ଅମୂଲ ମୂଲ।
ଆୟୁଷ ତାହାର ଅତି ଅଳପ
ହରିନିଏ ଅବା ସକଳ ଦୁଃଖ।
**– ସତ୍ୟନାରାୟଣ ପ୍ରସାଦ ନାୟକ**
ରଥ ରୋଡ, ଭୁବନେଶ୍ୱର
ମୋ: ୯୪୩୭୭୬୪୦୧୪

## ଏଥରର

- ଇସ୍ରୋ (ଇଣ୍ଡିଆନ୍ ସ୍ପେଶ୍ ରିସର୍ଚ୍ଚ ଅର୍ଗାନାଇଜେସନ୍) କେଉଁ ମସିହାରୁ ଆରମ୍ଭ ହୋଇଥିଲା ?
- ଭାରତରେ କେଉଁ ମସିହାରୁ ପ୍ରଥମେ ଲୋକସଭା ନିର୍ବାଚନ ଆରମ୍ଭ ହୋଇଥିଲା ?
- ଭାରତ ସ୍ୱାଧୀନ ହେବା ସମୟରେ ବ୍ରିଟେନର ପ୍ରଧାନମନ୍ତ୍ରୀ କିଏ ଥିଲେ ?
- ୧୯୬୦ ମସିହାରେ ଆରମ୍ଭ ହୋଇଥିବା ଶ୍ୱେତ ବିପ୍ଳବର ଜନକ କିଏ ?
- ଇନ୍ଦିରା ଗାନ୍ଧୀ କେଉଁ ମସିହାରେ ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇଥିଲେ ?

## ଗତଥରର ଉ ତ୍ତ ର

- ଅକ୍ଟୋବର ୯
- କୋରିଆ
- ସାଉଦୀ ଆରବ
- ୬ ଘଣ୍ଟା ୧୭ ମିନିଟ୍
- ଅମ୍ଳଜାନ

## କହିଲ ଦେଖି



ହେମନ୍ତ ଋତୁର ପ୍ରଥମ ମାସ
ଆଇଁଷ ଛୁଇଁଲେ ଧରମ ନାଶ
କାର୍ତ୍ତିକ ମାହାତ୍ମ୍ୟ ବହିକୁ ପଢ଼ି
ହବିଷ ପାଳଇ ଗଉରୀ ବୁଢ଼ୀ
ମାସରେ ସାର
ନାଆଁ କହିଦେଲେ କରୁଣା କରିବେ
ଧବଳେଶ୍ୱର !

**ଉତ୍ତର: କାର୍ତ୍ତିକ ମାସ**



ଇଟା ବାଲି ଦେହ କି ମନଲୋଭା
ଥାକଥାକ ହୋଇ ପାଉଛି ଶୋଭା
ମଥାରେ ତୁଳସୀ ଗଛ ଗୋଟିଏ
ମୁରୁଜରେ ମାଆ ଝୋଟି ପକାଏ
ଭକତି ଭରେ ଚଉପାଶରେ
ସଞ୍ଜ ସକାଳରେ ଜୁହାର କରେ
କୁହ ସେ କିଏ ?
ଅଗଣାରେ ରହି ଆଶିଷ ଦିଏ !

**ଉତ୍ତର: ତୁଳସୀ ଚଉରା**



କାର୍ତ୍ତିକର ଶେଷ ପାଞ୍ଚ ଦିନରେ
ଏଇ ବ୍ରତ ହୁଏ ଗାଆଁ ଗାଆଁରେ
ଭାଗବତ ପାଠ ହୁଏ ଶ୍ରଦ୍ଧାରେ
ଆକାଶ ଦୀପଟି ଜଳେ ଉଚ୍ଚରେ
ବ୍ରତ ନାଆଁ ଗୋଟି କୁହ
ଯିଏ କହିଦେବ ଦେଖିବାକୁ ଯିବ
ପୁରସ୍ତମ କଳାଦିଅଁ !

**ଉତ୍ତର: ପଞ୍ଚୁକ ବ୍ରତ**

**ଜଗଦୀଶ ସାହୁ**
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬






# ବୃକ୍ଷ ଜଗତର ରାଜା ଅଁଳା

ଅନନ୍ୟା ଷଷ୍ଠ ଶ୍ରେଣୀରେ ପଢ଼େ। ତାଙ୍କର ଜେଜେମା' ଲକ୍ଷ୍ମୀ ଦେବୀ କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ଦିନ ସକାଳୁ ଶୀଘ୍ର ଉଠି ନିତ୍ୟକର୍ମ ସାରି ତାଙ୍କ ବାଡ଼ିରେ ଥିବା ଏକ ଗଛ ପାଖକୁ ଗଲେ। ତା'ପରେ ସେଠାରେ ପୂଜା ଜିନିଷସବୁ ସଜାଡ଼ିବା ଆରମ୍ଭ କଲେ। ତାଙ୍କ ସାହି ପଡ଼ିଶାର ଆଉ କେତେଜଣ ମହିଳା ଆସି ସେଠାରେ ପହଞ୍ଚିଲେ। ଅନନ୍ୟା ସବୁ ଦେଖୁଥାଏ। ତାଙ୍କ ମା' ନିର୍ମଳା ଦେବୀ ଜଣେ ଶିକ୍ଷୟିତ୍ରୀ। ସେ ଯାଇ ମା'ଙ୍କୁ ପଚାରିଲା, ବୋଉ, ଆଜି କ'ଣ ଯେ ଜେଜେମା' ଆମ ବାଡ଼ିର ଏକ ଗଛ ପାଖରେ ପୂଜା କରିବାକୁ ପ୍ରସ୍ତୁତ ହେଉଛନ୍ତି? ନିର୍ମଳା ଦେବୀ କହିଲେ, ଆଜି ହେଉଛି ଅଁଳା ନବମୀ। ଏହି ଦିନରେ ଯେଉଁ ମା'ମାନେ କାର୍ତ୍ତିକ ମାସ ସାରା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରନ୍ତି, ସେମାନେ ଆଜି ଦିନରେ ଅଁଳାଗଛକୁ ମଧ୍ୟ ଦେବତା ହିସାବରେ ପୂଜା କରନ୍ତି। ଏହା ଆମ ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ଅଛି। ଶାସ୍ତ୍ରରୁ ଜଣାଯାଏ ଯେ, ଚାରିଯୁଗ ମଧ୍ୟରୁ ସତ୍ୟଯୁଗ ଅଁଳା ନବମୀ ଦିନ ଆରମ୍ଭ ହୋଇଥିଲା। ସେହିଦିନ ଭଗବାନ ବିଷ୍ଣୁଙ୍କ ସହିତ ସମସ୍ତ ଦେବଦେବୀ ଅଁଳାଗଛରେ ଅବସ୍ଥାନ କରନ୍ତି। ତେଣୁ ଶ୍ରଦ୍ଧାଳୁମାନେ ସେହି ଗଛ ମୂଳରେ ଅନ୍ନପ୍ରସାଦ ରାନ୍ଧି ଭଗବାନଙ୍କ ଉଦ୍ଦେଶ୍ୟରେ ଭୋଗଲାଗି କରନ୍ତି। ପୂଜା ହୋଇସାରିବା ପରେ ଗଛମୂଳରେ ସମସ୍ତେ ବସି ପ୍ରସାଦ ଖାଆନ୍ତି। ତୁମର ମନେଥିବ ଅନନ୍ୟା ଗତବର୍ଷ ତୁମର ବାବା ଜେଜେମା'ଙ୍କୁ ଧରି ପୁରୀ ଜିଲାର ସାକ୍ଷୀଗୋପାଳଠାରେ ଥିବା ଗୋପୀନାଥ ମନ୍ଦିରକୁ ରାଧା ପାଦ ଦର୍ଶନ ପାଇଁ ଯାଇଥିଲେ। ଅଁଳା ନବମୀ ଦିନ ମନ୍ଦିରରେ ରାଧା ପାଦ ଦର୍ଶନ କଲେ ବହୁତ ପୁଣ୍ୟ ଅର୍ଜନ ହୋଇଥାଏ ବୋଲି ଲୋକେ ବିଶ୍ୱାସ କରନ୍ତି। ତେଣୁ ଅସଂଖ୍ୟ ଶ୍ରଦ୍ଧାଳୁ ଦେଶ ବିଦେଶରୁ ଅଁଳା ନବମୀ ଦିନ ସାକ୍ଷୀଗୋପାଳକୁ ଯାଇଥାଆନ୍ତି । ଉକ୍ତ ଦିନ ଦେବୀ ରାଧା ଓଡ଼ିଆଣୀ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଅନନ୍ୟା କହିଲେ, ବୋଉ କାଲି ରାତିରେ ତୁମେ ଅଁଳା କୋଳିର ପାଞ୍ଚୋଟି ମାଳ ତିଆରି କରିଅଛ, ଏହା କ'ଣ ପାଇଁ? ନିର୍ମଳା ଦେବୀ କହିଲେ, କିଛି ସମୟ ପରେ ତୁମେ ଓ ମୁଁ ଯାଇ ବିଭିନ୍ନ ମନ୍ଦିରରେ ଭଗବାନଙ୍କୁ ଲାଗି ହେବାପାଇଁ ଏହି ମାଳ ଦେଇ ଆସିବା।

ଏହି ଅଁଳା ଗଛକୁ 'ବୃକ୍ଷ ଜଗତର ରାଜା' ବୋଲି କୁହାଯାଏ। ଅନନ୍ୟା କହିଲେ, ବୋଉ, ଏଠାରେ କେତେ ବଡ଼ ବଡ଼ ଗଛସବୁ ରହିଛି, ସେଗୁଡ଼ିକୁ ବାଦ୍ ଦେଇ ଅଁଳା ଗଛକୁ କାହିଁକି ରାଜା କୁହାଯାଏ? ନିର୍ମଳା ଦେବୀ କହିଲେ, ଏହି ଅଁଳା ଗଛ ଯେତେ ପବିତ୍ର, ବୈଜ୍ଞାନିକ ଦୃଷ୍ଟିରୁ ସେତେ ଉପକାରୀ। ଏହାର ସମସ୍ତ ଅଂଶ ଅର୍ଥାତ୍ ଫଳ, ଫୁଲ, ପତ୍ର, କାଣ୍ଡ, ଚେର ସବୁଥିରେ ଔଷଧୀୟ ଗୁଣ ଭରି ରହିଛି। ଇଂଲିଶ୍‌ରେ ଗୁଜବେରୀ, ହିନ୍ଦୀରେ ଆମ୍‌ଲା, ବଙ୍ଗଳାରେ ଆମଲୋଜି କୁହାଯାଏ। ଜଣାଯାଇଛି, ୧୦୦ ଗ୍ରାମ୍ ଅଁଳା ଫଳରେ ୮୨% ଜଳ ଥିବା ବେଳେ ଅବଶିଷ୍ଟ ୧୮ଭାଗ ପୁଷ୍ଟିସାର, ସ୍ନେହସାର, ଶ୍ୱେତସାର, ଖଣିଜ ଲବଣ ଆଦି ଥାଏ। ଅଁଳା ମଞ୍ଜିରେ, ଗଛର ବକ୍କଳରେ, ଚେରରେ ସ୍ୱାସ୍ଥ୍ୟ ପାଇଁ ଅନେକ ଦରକାରୀ ପଦାର୍ଥ ରହିଛି। ଏହାର ଫଳ ବା କୋଳିରେ ଭିଟାମିନ୍ ସି' ଅଛି। ଅନନ୍ୟା ପୁଣି ପଚାରିଲା, ବୋଉ, ବିଦ୍ୟାଳୟରେ ଆମ ସାର୍ କହୁଥିଲେ, ତ୍ରିଫଳା ଚୂର୍ଣ୍ଣରେ ଅଁଳା ମିଶିଥାଏ। ନିର୍ମଳା ଦେବୀ କହିଲେ, ଠିକ୍ କଥା। ତ୍ରିଫଳା ହେଉଛି ହରିଡ଼ା, ବାହାଡ଼ା ଓ ଅଁଳା। ଏହି ତିନୋଟି ଶୁଖିଲ।



ଫଳକୁ ଗୁଣ୍ଡ କରି ତ୍ରିଫଳା ଚୂର୍ଣ୍ଣ କରାଯାଏ। ଏହି ତ୍ରିଫଳା ଚୂର୍ଣ୍ଣ ଆମ ସମସ୍ତଙ୍କ ଶରୀର ପାଇଁ ହିତକାରକ। ଏହାର ଔଷଧୀୟ ଗୁଣ ସମ୍ପର୍କରେ ଆୟୁର୍ବେଦରେ ବର୍ଣ୍ଣନା କରାଯାଇଛି। ଏହି ଚୂର୍ଣ୍ଣ ଖାଇଲେ ପାକସ୍ଥଳୀ, ଅନ୍ତଃନଳୀର ଯାବତୀୟ ରୋଗ ଭଲ ହୋଇଥାଏ। ପ୍ରତିଦିନ ଯଦି ଅଁଳା ଖାଇବା, ତେବେ ମେଦବହୁଳତା ନିୟନ୍ତ୍ରଣରେ ରହିଥାଏ। ଅନନ୍ୟା କହିଲା, ବୋଉ, ତୁମେ ସ୍କୁଲକୁ ଯାଇଥିଲ। ମୋର ପେଟ ଦରଜ ହେଲା। ଜେଜେମା' ଡବାରେ ଥିବା ଏକ ପ୍ରକାର ଗୁଣ୍ଡରୁ ଚାମୁଚିଏ ବାହାର କରି ତାହାକୁ ଉଷୁମ ପାଣିରେ ଗୋଳାଇ ମୋତେ ଖାଇବାକୁ ଦେଲେ। କିଛି ସମୟ ପରେ ମୋର ପେଟ ଦରଜ କମିଲା। ବୋଉ କହିଲେ, ସେହି ଚୂର୍ଣ୍ଣ ହିଁ ତ୍ରିଫଳା ଚୂର୍ଣ୍ଣ। ପ୍ରାୟ ସମସ୍ତଙ୍କ ଘରେ ଥାଏ। ଆମ ଘରେ ଅଁଳା, ସୁଣ୍ଠିର ମିଶ୍ରଣରେ ଏକ ଚୂର୍ଣ୍ଣ ଅଛି, ତାକୁ ଖାଇଲେ ସମସ୍ତ ପେଟ ରୋଗ ଦୂର ହୋଇଥାଏ। ଆଉ ଗୋଟିଏ ବଡ଼ ଉପକାର ହେଲା– ଅଁଳା ତେଲ, ସାବୁନ୍, ଦାନ୍ତଘଷା ପେଷ୍ଟ, ସାମ୍ପୋ, କ୍ରିମ୍, ଲୋଶନ ଆଦି ଯାହାକି ବିନା ରାସାୟନିକ ପଦାର୍ଥରେ ତିଆରି ହୋଇଥାଏ। ତାହା ଆମ ପାଇଁ ଉପଯୋଗୀ। ଅଁଳା କୋଳିକୁ ଅଁଳାକୁଆ ଓ ଆଚାର କରି ଖିଆଯାଏ। ଅନନ୍ୟା ଶୁଣ, ଆଉ ଗୋଟିଏ ବିଷୟ ହେଲା ବହୁ ସମ୍ପ୍ରଦାୟରେ ଝିଅଙ୍କ ବାହାଘର ପରେ ତା'କୁ ଭିନ୍ନ ଭିନ୍ନ ଟୋକେଇରେ ଶୁଖିଲା ହଳଦୀ, ଅଁଳା, ଫଳ, ହରିଡ଼ା, ବାହାଡ଼ା ମଧ ଦିଆଯାଇଥାଏ। ବୋଉ, ଆମର କେତେକ



ପର୍ବପର୍ବାଣିରେ ବାବା ବଜାରରୁ ଆମ୍ବଡାଳ ସହିତ ଆଉ କେତେକ ଡାଳ ମଧ୍ୟ ଆଣିଥାଆନ୍ତି। ନିର୍ମଳା ଦେବୀ କହିଲେ, ତୁମେ ଠିକ୍ କହିଛ, ସେଥିରେ ଅଁଳା ଡାଳ ମଧ୍ୟ ରହିଥାଏ। ପର୍ବପର୍ବାଣି ନାଁରେ ସେହି ଉପକାରୀ ଗଛରୁ ଅଁଳା ଡାଳ ଆଣି ବହୁ ଅପଚୟ କରୁଛେ, ଯାହା ଠିକ୍ ନୁହେଁ। ତା'ର ସଂରକ୍ଷଣ କରିବା ସହିତ ପ୍ରତିବର୍ଷ ବାଡ଼ି ବଗିଚାରେ ଅଁଳା ଗଛ ଲଗାଇ ତା'ର ଯତ୍ନ ନେବା ଆବଶ୍ୟକ। ହଁ, ବୋଉ ଗତ ଜୁଲାଇ ମାସରେ ଆମ ବିଦ୍ୟାଳୟରେ ବନ ମହୋତ୍ସବ ହୋଇଥିଲା ସେହି ଦିନ ଆମ ବିଦ୍ୟାଳୟ ହତା ମଧ୍ୟରେ ଅନେକ ପ୍ରକାରର ଗଛ ଲଗାଇଥିଲୁ। ଗୋଟିଏ ଅଁଳା ଗଛକୁ ମୁଁ ଓ ମୋର ଦୁଇଜଣ ସାଙ୍ଗ ଲଗାଇ ତାକୁ ପ୍ରତିଦିନ ପାଣି ଦେଇଆସୁଛୁ। ନିର୍ମଳା ଦେବୀ କହିଲେ, ବହୁତ ଭଲ। ଡେରି ହେଲାଣି, ଚାଲ ଅନନ୍ୟା ଜେଜେମା' କିଭଳି ଅଁଳାଗଛ ପାଖରେ ପୂଜା କରୁଛନ୍ତି ଦେଖିବା। ତୁମେ ବଡ଼ ହେଲେ ଆମର ସେହି ପରମ୍ପରାକୁ ବଜାୟ ରଖିବ।

– **ବିନୋଦ ଚନ୍ଦ୍ର ଜେନା**, ପାରଳାଖେମୁଣ୍ଡି, ଗଜପତି
ମୋ:୭୭୩୫୨୨୨୭୧୩

# ମେଣ୍ଢା ପାଳନ ପାଇଁ ପ୍ରସିଦ୍ଧ ଦେଶ



ଏପରି ଏକ ଦେଶ ଅଛି, ଯାହା ମେଣ୍ଢା ପାଳନ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ସେହି ଦେଶର ପ୍ରାୟ ସମସ୍ତଙ୍କ ଘରେ ମେଣ୍ଢାଟିଏ ନିଶ୍ଚୟ ଥିବ। ହଁ, ସେହି ଦେଶଟି କିଏ ତାହା ଜାଣିବାକୁ ତୁମମାନଙ୍କ ମନରେ ନିଶ୍ଚୟ ଉତ୍ସୁକତା ପ୍ରକାଶ ପାଇବଣି। ସେହି ଦେଶଟି ହେଉଛି ନ୍ୟୁଜିଲାଣ୍ଡ। ଏକ ସର୍ଭେରୁ ଜଣାପଡିଛି ଯେ, ନ୍ୟୁଜିଲାଣ୍ଡର ପ୍ରାୟ ସମସ୍ତେ ନିଜ ଘରେ ଅତିକମ୍‌ରେ ୧୦ଟି ମେଣ୍ଢା ରଖିଥାଆନ୍ତି। ଏହି ଦେଶର ଆଉ ଏକ ବିଶେଷତ୍ୱ ରହିଛି। ଏହାର ସାଉଥ୍ ଆଇଲାଣ୍ଡରେ ଏଭଳି ଏକ ରାସ୍ତା ରହିଛି, ଯେଉଁଠି ତାପମାତ୍ରା ସବୁବେଳେ ୧୯ ଡିଗ୍ରୀ ସେଲସିୟସ୍ ରହିଥାଏ। ଏହି ରାସ୍ତାର ନାମ 'ବାଲ୍‌ଡଉଇନ୍ ଷ୍ଟ୍ରିଟ୍'। ଏତେ କମ୍ ତାପମାତ୍ରାରେ ସେଠାରେ ପ୍ରାୟ ଲୋକଙ୍କର ଯାତାୟାତ ଲାଗି ରହିଥାଏ। ସେଥିପାଇଁ ଏହି ରାସ୍ତାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ



ପରିସରଭୁକ୍ତ କରାଯାଇଛି। ଆଉ ଏକ କଥା ହେଉଛି ନ୍ୟୁଜିଲାଣ୍ଡର ଅଫିସିଆଲ ଭାଷାକୁ 'ମାଓରି' କୁହାଯାଏ।

# ଆ ଇ ନା



ଚନ୍ଦ୍ରକାନ୍ତା ଦେବାଂଶୀ
୪ ବର୍ଷ / ଭୁବନେଶ୍ୱର



ଶ୍ରିୟାଂଶ ସାହୁ
୭ ବର୍ଷ / କଟକ